## Scheme Guidelines of Samrudh Krushak Yojana

**1. Background:**

Paddy is cultivated in about 36 lakh hectares during Kharif season and 2.5 lakh hectares in Rabi season. Thus, Paddy occupies about 58% and 10% of the cultivated area during Kharif and Rabi season respectively. Paddy being the most dominant cereal crop, it accounts for the major chunk of food production. Accordingly, it is the prime source of livelihood of the farmers of the state.

On an average about 70-75 lakh MT of Paddy is procured benefitting around 15-17 lakh farmers. It is pertinent to mention here that besides promoting science based paddy cultivation to harness higher yield in sustainable manner, Odisha has developed a robust mechanism for procurement of paddy and prompt transfer of funds to the farmers. Over the years State has become the 4th largest contributor of rice to the Central Pool.

The rising cost of cultivation/ cost of production for Paddy with enhancement in prices of inputs and farm labour has become a matter of concern. The effect of farm mechanization in lowering of operational expenses is yet to have its spread effect.

In view of the aforementioned facts, a new scheme namely "Samrudha Krushak Yojana" with following objectives has been initiated for providing input assistance to farmers which will be empowering them befittingly.

**2. Scheme/Programme Objectives:**

i. Increase in sustainable food grain production for the State.
ii. Promotion of new technologies in crop production.
iii. Encourage climate resilient agricultural practices by use of stress tolerant varieties.
iv. Increase in production & productivity of the crop.
v. Assistance to farmers to invest in quality seeds, fertilizers, pesticides, farm machineries and other inputs.
vi. Encourage the farmers to be more involved in Seed Production activities.

vii. Increase in the income of farmers and thereby improvement in socio economic status of the farmers.

3. **Coverage under the scheme/ Programme and duration:**

a. **Targeted Beneficiary:**

The Paddy growing farmers registered under P-PAS and sell paddy to the Odisha State Civil Supplies Corporation Limited (OSCSC) or other agency(s) approved by FS&CW Department and also the Paddy seed growers who have registered under OSSOPCA and sell paddy seeds through Odisha State Seeds Corporation Limited are the targeted beneficiaries under the scheme.

b. **Eligibility criteria:**

i. The farmers who have registered under P-PAS and sell paddy to the Odisha State Civil Supplies Corporation Limited (OSCSC) or other agency(s) through the existing mechanism of the Department of Food Supply & Consumer Welfare, Govt. of Odisha are eligible to get input assistance under the above scheme.

ii. The Paddy seed growers who have registered under OSSOPCA and sell paddy seeds through Odisha State Seeds Corporation Limited (OSSC) will also be eligible to avail benefits under the scheme.

iii. The farmers who take paddy seed production programme and also sell paddy as grain through mandis, will also be eligible for assistance under the scheme. However, the total quantity of paddy sold by them will be decided in the manner described below.

   a. The quantity to be sold as seed will be based on the Threshing Certificate issued by Odisha State & Organic Product Certification Agency (OSSOPCA) and as per the requirement of Odisha State Seeds Corporation Limited (OSSC).

   b. The quantity to be sold as grain shall be decided based on the yardstick of procurement notified by the FS & CW Department.

   c. The Odisha State Seed Corporation Ltd. shall share the information of Seed producing farmers to the Odisha State Civil Supplies Corporation Limited (OSCSC) or other agency(s) approved by FS&CW Department

i.e, Seed Growers' Aadhaar Number, Plot & Khata Number(s), Village, area cultivated for production of paddy seeds to cross verify with the farmers data in P-PAS (Paddy Procurement Automation System) to flag the Paddy growers.

d. The token for the registered Seed Growers intending to sale Paddy as grain will be generated only after receipt of information from OSSC relating to quantity of seeds procured from the concerned seed growers. Accordingly, the saleable quantity as grain through P-PAS will be decided.

iv. Farmer registration and verification will be done by the FS&CW Department as per the approved module in which farmers are registered under Food Odisha portal (www.foododisha.in) and shall also be verified as per the guidelines issued by FS&CW Department. In case additional input is required from Digital Crop Survey module, then the data recorded by Digital Crop Survey mechanism with regards to paddy crop will be provided by the A&FE Department to the FS&CW Department through API integration.

c. **Quantum of benefit:**

i. Farmers who have registered to sell paddy through the existing mechanism of the Department of Food Supplies and Consumer Welfare will be paid Rs. 3100 per quintal, including the input assistance under Samrudha Krushak Yojana and the prevailing minimum support price (MSP).

ii. The paddy seed growers who have registered under the Odisha State Seed and Organic Products Certification Agency (OSSOPCA) and sell paddy seeds through the Odisha State Seeds Corporation (OSSC) Ltd. will also be eligible to avail input assistance under the scheme.

The Paddy seeds from the Seed Growers will be procured as per the following:

Procurement price of Paddy seeds by OSSC (MSP+30%) + Input Assistance (Rs. 3100/- minus prevailing MSP of Paddy).

4. <u>Implementation of the scheme</u>:

a. **Paddy Procured by Odisha State Civil Supplies Corporation (OSCSC) Ltd or other agency(s) approved by FS&CW Department:**

i. The fund provision for the scheme will be made by the Agriculture & FE Deptt. / Director of Agriculture & Food Production, Odisha based on the projected procurement plan provided by the FS & CW Dept.

ii. The scheme will be implemented by the FS &CW Department through Odisha State Civil Supplies Corporation Ltd or other agency(s) approved by FS&CW Department in similar lines of Paddy procurement system.

iii. Input assistance amount will be paid to the farmers as per their eligibility on the quantity of paddy procured from them by the FS & CW Department through Odisha State Civil Supplies Corporation Ltd or other agency(s).

iv. Managing Director, Odisha State Civil Supplies Corporation Ltd. or other agency(s) approved by FS&CW Department will place a demand to the Director of Agriculture & Food Production, Odisha on fortnightly basis for payment of input assistance amount based on the quantity of paddy is to be procured from the farmers. As per demand, the fund will be placed to the Odisha State Civil Supplies Corporation Ltd or other agency(s).

v. Odisha State Civil Supplies Corporation Ltd. or other agency(s) will ensure that the farmers receive the input assistance amount declared by the State Government in time. Input assistance amount will be provided to the farmers as per their eligibility directly to their bank account. The OSCSC or other agency(s) will ensure submission of utilization certificate to the Director of Agriculture & Food Production, Odisha within one month of disbursement of the fund.

vi. Odisha State Civil Supplies Corporation Ltd. or other agency(s) will maintain detailed accounts of the expenditure towards "Input Assistance" amount provided to the farmers.

b. **Paddy Seeds Procured by Odisha State Seeds Corporation (OSSC) Ltd:**

i. The Fund provision for the scheme will be made by the Agriculture& FE Deptt. / Director of Agriculture & Food Production, Odisha based on the projected paddy seeds production programme provided by the OSSC Ltd.

ii. The Scheme will be implemented through Odisha State Seeds Corporation Ltd.

iii. Managing Director, Odisha State Seeds Corporation Ltd. will place a demand to the Director of Agriculture & Food Production, Odisha for payment of input assistance amount based on the quantity of paddy seeds procured from the Seed Growers. As per demand, the fund will be placed to the Odisha State Seeds Corporation Ltd.

iv. The Managing Director, Odisha State Seeds Corporation Ltd. will ensure for submission of utilization certificate to the Director of Agriculture & Food Production, Odisha within one month of receiving of the fund after payment of Input assistance to the seed growers' bank account in DBT mode.

v. Maintenance of detailed account of the amount of input assistance provided on paddy seeds procured from Seed Growers will be done by Odisha State Seeds Corporation Ltd.

**5. <u>Source of funding for the scheme/Project and fund flow mechanism</u>:**

The scheme is being implemented with funding under the State Plan Scheme "3851-Samrudha Krushak Yojana- 43008-Subsidy".

The funds will be provided to the Odisha State Civil Supplies Corporation Ltd. or other agency(s) approved by FS&CW Department and also to the Odisha State Seeds Corporation Ltd. on fortnightly basis as per their requisition.

**6. <u>Intended Scheme/Programme Outcome</u>:**

- Improvement in production and productivity of paddy in the State.
- Increase in sale of paddy seeds.
- Availability of greater quantity of quality seeds shall assist farmers to overcome the impact of extreme weather events.
- Enhancement of income of farmers.

7. <u>Monitoring and Evaluation mechanism</u>:

The scheme is auditable as per prevailing rules and regulations under the State Government.

**8. Forms for application by the beneficiaries (if any) to be annexed: Nil**

**Principal Secretary to Govt.,**
**Department of Agriculture & Farmers' Empowerment**
25.11.2024

DAFP-SEED-SEED-0009-2024/01/2024

# ସମୃଦ୍ଧ କୃଷକ ଯୋଜନାର ନିର୍ଦ୍ଦେଶାବଳୀ

**୧. ଉପକ୍ରମ:**

ରାଜ୍ୟରେ ଖରିଫ ଋତୁରେ ପ୍ରାୟ ୩୬ ଲକ୍ଷ ହେକ୍ଟର ଏବଂ ରବି ଋତୁରେ ୨.୫ ଲକ୍ଷ ହେକ୍ଟରରେ ଧାନ ଚାଷ କରାଯାଇଥାଏ | ଯଦ୍ଵାରା ରାଜ୍ୟରେ ଖରିଫ ଏବଂ ରବି ଋତୁରେ ଧାନ ଚାଷ ପ୍ରାୟ ଯଥାକ୍ରମେ ଶତକଡା ୫୮ ଭାଗ ଏବଂ ୧୦ ଭାଗ ରେ କରାଯାଇଥାଏ | ଶସ୍ୟଜାତୀୟ ଫସଲ ମଧ୍ୟରେ ଧାନ ଚାଷର ଆୟତନ ସର୍ବାଧିକ ହୋଇଥିବାରୁ ଏହା ଖାଦ୍ୟ ଉତ୍ପାଦନର ପ୍ରମୁଖ ଅଂଶ ଅଟେ | ଅନୁରୂପ ଭାବେ ଏହା ରାଜ୍ୟର କୃଷକଙ୍କ ଜୀବିକା ନିର୍ବାହର ମୂଳଉତ୍ସ ଅଟେ ।

ବାର୍ଷିକ ହାରାହାରି ୭୦-୭୫ ଲକ୍ଷ ମେଟ୍ରିକ ଟନ ଧାନ କିଣାଯିବା ଦ୍ଵାରା ରାଜ୍ୟର ପ୍ରାୟ ୧୫-୧୭ ଲକ୍ଷ ଚାଷୀ ଉପକୃତ ହେଉଛନ୍ତି । ଏଠାରେ ଉଲ୍ଲେଖ କରିବା ପ୍ରଯୁଜ୍ୟ ଯେ, ଅଧିକ ଅମଳ ପାଇଁ ବିଜ୍ଞାନ ଭିତ୍ତିକ ପଦ୍ଧତି ରେ ଧାନ ଚାଷକୁ ପ୍ରୋତ୍ସାହିତ କରିବା ସହିତ, ଓଡିଶା ରାଜ୍ୟ ଧାନ କ୍ରୟ ତଥା କୃଷକମାନଙ୍କୁ ତୁରନ୍ତ ଅର୍ଥ ହସ୍ତାନ୍ତର ପାଇଁ ଏକ ଦୃଷ୍ଟାନ୍ତମୂଳକ ପ୍ରଣାଳୀ ପ୍ରସ୍ତୁତ କରିଛି ତଥା ବର୍ଷ ବର୍ଷ ଧରି କେନ୍ଦ୍ରୀୟ ସଂଗ୍ରହ ବ୍ୟବସ୍ଥାରେ ଚତୁର୍ଥ ବୃହତ୍ତମ ଚାଉଳ ଯୋଗାଣକାରୀ ରାଜ୍ୟ ରୂପେ ପରିଗଣିତ ହୋଇପାରିଛି |

ବର୍ତ୍ତମାନ ଧାନ ଚାଷର ଖର୍ଚ୍ଚବୃଦ୍ଧି ସହିତ ବିଭିନ୍ନ ଉତ୍ପାଦନ ଏବଂ କୃଷି ଶ୍ରମର ମୂଲ୍ୟରେ ବୃଦ୍ଧି ଚାଷୀଙ୍କ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି | କୃଷି ଯାନ୍ତ୍ରିକରଣ ଦ୍ଵାରା ଚାଷ ଖର୍ଚ୍ଚରେ ହ୍ରାସର ପ୍ରଭାବ ଏପର୍ଯ୍ୟନ୍ତ ବିସ୍ତାରିତ ପ୍ରଭାବ ପକାଇ ପାରିନାହିଁ |

ଉପରୋକ୍ତ ତଥ୍ୟକୁ ଦୃଷ୍ଟିରେ ରଖି କୃଷକମାନଙ୍କୁ "ଇନପୁଟ ସହାୟତା" ଯୋଗାଇବା ପାଇଁ ନିମ୍ନଲିଖିତ ଉଦ୍ଦେଶ୍ୟ ସହିତ ଏକ ନୂତନ ଯୋଜନା ଯଥା "ସମୃଦ୍ଧ କୃଷକ ଯୋଜନା" ଆରମ୍ଭ କରାଯାଇଛି ଯାହା ସେମାନଙ୍କୁ ଆର୍ଥିକ ସ୍ତରରେ ସଶକ୍ତ କରିବ ।

**୨. ଯୋଜନାର ଉଦ୍ଦେଶ୍ୟ:**

i. ରାଜ୍ୟ ପାଇଁ ନିରନ୍ତର ଖାଦ୍ୟଶସ୍ୟ ଉତ୍ପାଦନରେ ବୃଦ୍ଧି |
ii. ଫସଲ ଉତ୍ପାଦନରେ ନୂତନ ଜ୍ଞାନକୌଶଳକୁ ପ୍ରୋତ୍ସାହନ |
iii. ଚାପ ସହନଶୀଳ କିସମ ବ୍ୟବହାର କରି ଜଳବାୟୁସ୍ଥିର କୃଷି ଅଭ୍ୟାସକୁ ଉତ୍ସାହିତ କରିବା |
iv. ଫସଲର ଉତ୍ପାଦନ ଏବଂ ଉତ୍ପାଦକତାରେ ବୃଦ୍ଧି |
v. ଗୁଣାତ୍ମକ ମଞ୍ଜି, ସାର, କୀଟନାଶକ, କୃଷି ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଇନପୁଟରେ ବିନିଯୋଗ କରିବାକୁ କୃଷକମାନଙ୍କୁ ସହାୟତା |
vi. ବିହନ ଉତ୍ପାଦନ କାର୍ଯ୍ୟକ୍ରମ ପାଇଁ କୃଷକମାନଙ୍କୁ ଅଧିକ ଜଡିତ ହେବାକୁ ଉତ୍ସାହିତ କରିବା |

vii. କୃଷକଙ୍କ ଆୟରେ ବୃଦ୍ଧି କରିବା ସହ କୃଷକଙ୍କ ସାମାଜିକ ତଥା ଅର୍ଥନୈତିକ ସ୍ଥିତିରେ ଉନ୍ନତି ଘଟିବା |

## ୩. ଯୋଜନା/ କାର୍ଯକ୍ରମର କଭରେଜ୍/ ଅବଧି:

### a. ନିର୍ଦ୍ଧାରିତ ହିତାଧିକାରୀ:

ଉଭୟ ଧାନ ଉତ୍ପାଦନ କରୁଥିବା କୃଷକ ଯେଉଁମାନେ ପି-ପାସ୍ ଅଧୀନରେ ପଞ୍ଜୀକୃତ ହୋଇ, ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଲିମିଟେଡ୍ (OSCSC) ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଅନୁମୋଦିତ ସଂସ୍ଥା କୁ ଧାନ ବିକ୍ରୟ କରୁଛନ୍ତି ଏବଂ ଧାନ ବିହନ ଉତ୍ପାଦନକାରୀ ଯେଉଁମାନେ ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା (OSSOPCA) ଅଧୀନରେ ପଞ୍ଜୀକୃତ ହୋଇ, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ (OSSC) ମାଧମରେ ମଧ ଧାନ ବିହନ ବିକ୍ରୟ କରୁଛନ୍ତି ଏହି ଯୋଜନା ଅନ୍ତର୍ଗତ ଯୋଗ୍ୟ ହିତାଧିକାରୀ ଅଟନ୍ତି ।

### b. ଯୋଗ୍ୟତାର ମାନଦଣ୍ଡ:

i. ଯେଉଁ କୃଷକମାନେ ପି-ପାସ୍ ଅଧୀନରେ ପଞ୍ଜୀକୃତ ହୋଇଛନ୍ତି ଓ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପ୍ରଚଳିତ ନିୟମ ଅନୁଯାୟୀ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଲିମିଟେଡ୍ (OSCSC) ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଅନୁମୋଦିତ ସଂସ୍ଥା କୁ ଧାନ ବିକ୍ରୟ କରୁଛନ୍ତି, ସେହିମାନେ ଉପରୋକ୍ତ ଯୋଜନା ଅଧୀନରେ ଇନପୁଟ୍ ସହାୟତା ପାଇବାକୁ ଯୋଗ୍ୟ ଅଟନ୍ତି |

ii. ଯେଉଁ ବିହନ ଉତ୍ପାଦକମାନେ ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା (OSSOPCA) ଅଧୀନରେ ପଞ୍ଜୀକୃତ ହୋଇ, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ (OSSC)କୁ ଧାନ ବିହନ ବିକ୍ରୟ କରୁଛନ୍ତି, ସେହିମାନେ ମଧ ଏହି ଯୋଜନା ରୁ ଲାଭବାନ ହେବେ |

iii. ଯେଉଁ କୃଷକମାନେ ଧାନ ବିହନ ଉତ୍ପାଦନ କରିବା ସହ ମଣ୍ଡି ମାଧମରେ ଉତ୍ପାଦିତ ଧାନ ଶସ୍ୟକୁ ବିକ୍ରି କରୁଛନ୍ତି, ସେମାନେ ମଧ ଏହି ଯୋଜନା ଅଧୀନରେ ସହାୟତା ପାଇବାକୁ ଯୋଗ୍ୟ ହେବେ। କିନ୍ତୁ , ସେମାନଙ୍କ ଦ୍ୱାରା ବିକ୍ରି କରାଯିବା ପାଇଁ ଥିବା ସମୁଦାୟ ଧାନର ପରିମାଣ ନିମ୍ନ ଲିଖିତ ପଦ୍ଧତିରେ ସ୍ଥିର ହେବ |

   a. ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା (OSSOPCA) ଦ୍ୱାରା ଜାରି କରାଯାଇଥିବା ଅମଳ/ଥ୍ରେସିଂ ସାର୍ଟିଫିକେଟ୍ ଏବଂ ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ (OSSC) ର ଆବଶ୍ୟକତା ଅନୁଯାୟୀ ବିକ୍ରି ହେବାକୁ ଥିବା ବିହନର ପରିମାଣ ନିର୍ଦ୍ଧାରିତ ହେବ।

b. ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପ୍ରଚଳିତ ନିୟମ/ ମାନଦଣ୍ଡ ଅନୁଯାୟୀ ବିକ୍ରୟ କରାଯିବାକୁ ଥିବା ଧାନ ଶସ୍ୟର ପରିମାଣ ନିର୍ଦ୍ଧାରିତ ହେବ |

c. ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍, ଧାନ ବିହନ ଉତ୍ପାଦନକାରୀମାନଙ୍କର ଆଧାର ନମ୍ବର, ପ୍ଲଟ୍ ଏବଂ ଖାତା ନମ୍ବର, ଗ୍ରାମର ନାମ, ବିହନ ଉତ୍ପାଦନ ପାଇଁ ଜମି ପରିମାଣ ଇତ୍ୟାଦିର ସବିଶେଷ ତଥ୍ୟ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଲିମିଟେଡ୍ (OSCSC) ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଅନୁମୋଦିତ ସଂସ୍ଥା କୁ ପ୍ରଦାନ କରିବ । ଏହି ତଥ୍ୟକୁ P-PASରେ ଧାନଶସ୍ୟ ବିକ୍ରୟ କରୁଥିବା କୃଷକ ମାନଙ୍କ ଡାଟାବେସ ସହ ଯାଞ୍ଚ କରାଯାଇ ବିହନ ଉତ୍ପାଦକମାନଙ୍କୁ ଚିହ୍ନଟ କରାଯିବ ।

d. ଧାନକୁ ଶସ୍ୟ ହିସାବରେ P-PAS ମାଧ୍ୟମରେ ବିକ୍ରୟ କରିବାକୁ ଇଚ୍ଛା କରୁଥିବା ବିହନ ଉତ୍ପାଦନକାରୀଙ୍କ କ୍ଷେତ୍ରରେ ସେମାନଙ୍କ ଠାରୁ ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ (OSSC) ଦ୍ୱାରା କିଣା ଯାଇଥିବା ଧାନ ବିହନ ପରିମାଣ ସମ୍ବନ୍ଧୀୟ ସୂଚନା ପାଇବା ପରେ P-PASରେ ର ଟୋକନ୍ ଉତ୍ପନ୍ନ କରାଯିବ | ତଦନୁସାରେ, P-PAS ମାଧ୍ୟମରେ ଧାନ ଶସ୍ୟର ସମୁଦାୟ ବିକ୍ରୟ ଯୋଗ୍ୟ ପରିମାଣ ସ୍ଥିର କରାଯିବ |

iv. ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପ୍ରଚଳିତ ନିୟମ ଅନୁଯାୟୀ ଓଡିଶା ଫୁଡ ପୋର୍ଟାଲ (www.foododisha.in) ରେ ପଞ୍ଜୀକୃତ ହୋଇଥିବା କୃଷକମାନଙ୍କର ଯାଞ୍ଚ କରାଯିବ । ଯଦି ଡିଜିଟାଲ୍ ଫସଲ ସର୍ବେକ୍ଷଣ ମଡ୍ୟୁଲ୍‌ରୁ ଅତିରିକ୍ତ ଇନପୁଟ୍ ଆବଶ୍ୟକ ହୁଏ, ତେବେ ଧାନ ଫସଲ ସମ୍ବନ୍ଧରେ ଡିଜିଟାଲ୍ ଫସଲ ସର୍ବେକ୍ଷଣ ମଡ୍ୟୁଲ୍ ଦ୍ୱାରା ରେକର୍ଡ ହୋଇଥିବା ତଥ୍ୟକୁ କୃଷି ଏବଂ କୃଷକ ସ୍ୱଶକ୍ତିକରଣ ବିଭାଗ ଦ୍ୱାରା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ API ଏକୀକରଣ ମାଧ୍ୟମରେ ପ୍ରଦାନ କରାଯିବ |

**c. <u>ସହାୟତା ରାଶିର ପରିମାଣ</u>:**

i. ଏହି ଯୋଜନାରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପଞ୍ଜୀକୃତ ଚାଷୀ ମାନଙ୍କଠାରୁ ପ୍ରଚଳିତ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ସହ, ଇନପୁଟ୍ ସହାୟତା ପ୍ରଦାନ କରି, କ୍ୱିଣ୍ଟାଲ ପିଛା ମୋଟ ୩,୧୦୦ (ଏକ ତିରିଶି ଶହ) ଟଙ୍କାରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯିବ।

ii. ଧାନ ବିହନ ଉତ୍ପାଦନ ନିମନ୍ତେ ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା ଅଧୀନରେ ପଞ୍ଜୀକୃତ ହୋଇ, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ ମାଧ୍ୟମରେ ପ୍ରାମାଣିକ ଧାନ ବିହନ ବିକ୍ରୟ କରୁଥିବା ସମସ୍ତ ବିହନ ଉତ୍ପାଦକମାନେ ମଧ୍ୟ ଏହି ଯୋଜନା ଅଧିନରେ ଲାଭ ପାଇବାକୁ ଯୋଗ୍ୟ ବିବେଚିତ ହୋଇପାରିବେ ।

ବିହନ ଉତ୍ପାଦକମାନଙ୍କ ଠାରୁ ନିମ୍ନ ଲିଖିତ ମୂଲ୍ୟରେ ଧାନ ବିହନ କ୍ରୟ କରାଯିବ ।

ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ ଦ୍ୱାରା ନିର୍ଦ୍ଧାରିତ କ୍ରୟ ମୂଲ୍ୟ (ସର୍ବନିମ୍ନ ସହାୟକ ମୂଲ୍ୟ +୩୦ %) + ଇନପୁଟ୍ ସହାୟତା ରାଶି (୩୧୦୦ ଟଙ୍କା – ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ)

୪. **ଯୋଜନାର କାର୍ଯ୍ୟାନ୍ୱୟନ:**

a. **ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଲିମିଟେଡ୍ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଅନୁମୋଦିତ ସଂସ୍ଥା ମାଧ୍ୟମରେ ଧାନ ସଂଗ୍ରହ :**

i. ଏହି ଯୋଜନା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା କ୍ରୟ ଯୋଜନା ଉପରେ ଆଧାର କରି କୃଷି ଓ କୃଷକ ସଶକ୍ତିକରଣ ବିଭାଗ / କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପାଣ୍ଠିର ବ୍ୟବସ୍ଥା କରିବେ ।

ii. ଏହି ଯୋଜନା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଧାନ କ୍ରୟ ପ୍ରଣାଳୀ ନିମନ୍ତେ ସ୍ଥିରୀକୃତ ଆଧାରରେ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଲିମିଟେଡ୍ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଅନୁମୋଦିତ ସଂସ୍ଥା ମାଧ୍ୟମରେ କାର୍ଯ୍ୟକାରୀ ହେବ |

iii. ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଚାଷୀମାନଙ୍କୁ ସେମାନଙ୍କ ଯୋଗ୍ୟତା ଅନୁସାରେ ଇନପୁଟ୍ ସହାୟତା ଧାନ ସଂଗ୍ରହର ପରିମାଣ ଅନୁଯାୟୀ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଅନୁମୋଦିତ ସଂସ୍ଥା ମାଧ୍ୟମରେ ପ୍ରଦାନ କରାଯିବ।

iv. ପ୍ରତ୍ୟେକ ୧୫ ଦିନରେ ଥରେ ପରିଚାଳନା ନିର୍ଦ୍ଦେଶକ, ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଲିମିଟେଡ୍ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଅନୁମୋଦିତ ସଂସ୍ଥା କୃଷକମାନଙ୍କଠାରୁ କିଣିବାକୁ ଥିବା ଧାନ ପରିମାଣ ଉପରେ ଆଧାର କରି ଇନପୁଟ ସହାୟତା ରାଶି ପ୍ରଦାନ ପାଇଁ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କୁ ଦାବି ଜଣାଇବେ। ଦାବି ମୁତାବକ ପାଣ୍ଠି ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଲିମିଟେଡ୍‌କୁ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଅନୁମୋଦିତ ସଂସ୍ଥାକୁ ଯୋଗାଇ ଦିଆଯିବ ।

v. ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଲିମିଟେଡ୍ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଅନୁମୋଦିତ ସଂସ୍ଥା ନିଶ୍ଚିତ କରିବ ଯେ କୃଷକମାନେ ରାଜ୍ୟ ସରକାର ଘୋଷଣା କରିଥିବା ଇନପୁଟ୍ ସହାୟତା ରାଶି ଠିକ୍ ସମୟରେ ପାଇବେ। ଇନପୁଟ ସହାୟତା ରାଶି ସିଧାସଳଖ କୃଷକମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯୋଗ୍ୟତା ଅନୁଯାୟୀ ପ୍ରଦାନ କରାଯିବ | ପାଣ୍ଠି ବିତରଣର ଏକ ମାସ ମଧ୍ୟରେ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଓଡିଶାଙ୍କୁ ଉପଯୋଗିତା ପ୍ରମାଣପତ୍ର ଦାଖଲ କରିବାକୁ ନିଶ୍ଚିତ କରାଯିବ।

vi. ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଲିମିଟେଡ୍ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଅନୁମୋଦିତ ସଂସ୍ଥା ଚାଷୀମାନଙ୍କୁ ଇନପୁଟ୍ ସହାୟତା ପ୍ରଦାନ କରାଯିବାର ସମସ୍ତ ହିସାବ ରଖିବେ ।

**b. ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ମାଧମରେ ଧାନ ବିହନ ସଂଗହ:**

i. ଏହି ଯୋଜନା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ/ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଓଡିଶା ରାଜ୍ୟ ବିହନ ଯୋଗାଣ ନିଗମ ଲିମିଟେଡ୍ ଦ୍ୱାରା ଧାନ ବିହନ ଉତ୍ପାଦନ କାର୍ଯ୍ୟକ୍ରମର ପରିମାଣ ଅନୁଯାୟୀ ପାଣ୍ଠିର ବ୍ୟବସ୍ଥା କରିବେ ।

ii. ଏହି ଯୋଜନା ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ମାଧମରେ କାର୍ଯ୍ୟକାରୀ ହେବ।

iii. ପରିଚାଳନା ନିର୍ଦ୍ଦେଶକ, ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କୁ ବିହନ ଉତ୍ପାଦନକାରୀଙ୍କ ଠାରୁ କିଣାଯାଇଥିବା ଧାନ ବିହନ ପରିମାଣ ଉପରେ ଆଧାର କରି ଇନପୁଟ୍ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିବେ। ଚାହିଦା ଅନୁଯାୟୀ ଏହି ପାଣ୍ଠି ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍‌କୁ ପ୍ରଦାନ କରାଯିବ ।

iv. ପରିଚାଳନା ନିର୍ଦ୍ଦେଶକ, ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ DBT ମାଧମରେ ବିହନ ଉତ୍ପାଦନକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଇନପୁଟ୍ ସହାୟତା ପ୍ରଦାନ ପରେ ତଥା ପାଣ୍ଠିଗ୍ରହଣ କରିବାର ଏକମାସ ମଧରେ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କୁ ଉପଯୋଗିତା ପ୍ରମାଣପତ୍ର ଦାଖଲ ସୁନିଶ୍ଚିତ କରିବେ।

v. ବିହନ ଉତ୍ପାଦନକାରୀଙ୍କ ଠାରୁ କିଣାଯାଇଥିବା ଧାନ ବିହନ ବାବଦରେ ଦିଆଯାଇଥିବା ଇନପୁଟ୍ ସହାୟତା ପରିମାଣର ବିସ୍ତୃତ ହିସାବର ରକ୍ଷଣାବେକ୍ଷଣ ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ଙ୍କ ଦ୍ୱାରା କରାଯିବ |

**5. କାର୍ଯକ୍ରମ/ପ୍ରକଳ୍ପ ପାଇଁ ଅର୍ଥର ଉତ୍ସ ଓ ଅର୍ଥ ଖର୍ଚ୍ଚ କରିବାର ପ୍ରକ୍ରିୟା:**

ଏହାର କାର୍ଯ୍ୟାନ୍ୱୟନ ନିମନ୍ତେ ବ୍ୟୟ ବରାଦ ରାଜ୍ୟ ସ୍ତରୀୟ ଯୋଜନା "୩୮୫୧-ସମୃଦ୍ଧ କୃଷକ ଯୋଜନା-୪୩୦୦୮-ସବସିଡି" ରୁ କରାଯିବ ।

ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଅନୁମୋଦିତ ସଂସ୍ଥା ଓ ରାଜ୍ୟ ବିହନ ଯୋଗାଣ ନିଗମର ଅନୁରୋଧ ଅନୁଯାୟୀ ପ୍ରତି ପନ୍ଦର ଦିନରେ ଅର୍ଥ ରାଶି ପ୍ରଦାନ କରାଯିବ।

6. **ଉଦ୍ଦିଷ୍ଟ କାର୍ଯ୍ୟକ୍ରମ/ପକଳ୍ପର ଫଳାଫଳ:**

a. ରାଜ୍ୟରେ ଧାନ ଉତ୍ପାଦନ ଏବଂ ଉତ୍ପାଦକତାରେ ସୁଧାର ଆଣିବା ।

b. ଧାନ ବିହନର ବିକ୍ରୟରେ ବୃଦ୍ଧି ଆଣିବା ।

c. ଅଧିକ ପରିମାଣର ଗୁଣବତ୍ତା ବିହନର ଉପଲବ୍ଧ ହେବା ଦ୍ଵାରା ଏହା କୃଷକମାନଙ୍କୁ ପ୍ରତିକୂଳ ପାଣିପାଗ ପରିସ୍ଥିତିରୁ ମୁକୁଳିବାରେ ସାହାଯ୍ୟ କରିପାରିବ |

d. କୃଷକଙ୍କ ମାନଙ୍କର ଆୟରେ ବୃଦ୍ଧି ଆଣିବା ।

7. **ନିରୀକ୍ଷଣ ଏବଂ ମୂଲ୍ୟାଙ୍କନର ପକ୍ରିୟା:**

ଏହି ଯୋଜନାଟି ରାଜ୍ୟ ସରକାରଙ୍କ ପ୍ରଚଳିତ ନିୟମ ଏବଂ ନିୟମାବଳୀ ଅନୁସାରେ ଅଡିଟ କରାଯାଇପାରିବ ।

8. **ଲାଭାର୍ଥୀଙ୍କ ପାଇଁ ଆବେଦନ ଫର୍ମ (ଯଦି ରହିଛି):** ନାହିଁ

ଅରବିନ୍ଦ ପାଢ଼ୀ

**ପ୍ରମୁଖ ଶାସନ ସଚିବ**
**କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ**
୨୮.୧୧.୨୦୨୪